ଏକଲବ୍ୟ


# ମୁଁ ଗୋଟିଏ ବିଲେଇ!



କାହାଣୀ: ରିନଚିନ

ଚିତ୍ର : ଜିତେନ୍ଦ୍ର ଠାକୁର





# ମୁଁ ଗୋଟିଏ ବିଲେଇ!

କାହାଣୀ: ରିନଚିନ
ଚିତ୍ର : ଜିତେନ୍ଦ୍ର ଠାକୁର
ଓଡ଼ିଆ ଅନୁବାଦ: ରମେଶ ଗୁମାନ ସିଂହ

ଏକଲବ୍ୟ ପ୍ରକାଶନ



ଟିଂଟୀ ଆଖି ଖୋଲିଲା ପ୍ଲାଷ୍ଟିକ୍ ଜରି ଭିତରୁ ଆକାଶକୁ ଚାହିଁଲା ।

ସେ ମାଆଙ୍କ ପାଖକୁ ଘୁଞ୍ଚି ଯାଇ କହିଲା, ମୁଁ ତ ଗୋଟିଏ ବିଲେଇ !

ନା, ତୁ ବିଲେଇ ନୁହଁ ! ତୁ ପରା ମୋର କୁନୀ ଝିଅ, ମାଆ କୁତୁରୁକାଳିଆ କରି କହିଲେ ।

ଟିଂଟୀ ଛଟପଟ ହୋଇ ଦୂରକୁ ଘୁଞ୍ଚି ଘୁଞ୍ଚି ଗଲା । ଘୁଞ୍ଚି ଘୁଞ୍ଚି କହିଲା,

ନାଇଁ, ମୁଁ ତ ଗୋଟିଏ ବିଲେଇ ।







ଟିଂଟୀ ଯା, ଯାଇକରି ମୁହଁ ଧୋଇ ନେ ।

ମୁଁ ଧୋଇ ପାରିବି ନାହିଁ ।

କାହିଁକି ?

ମୁଁ ତ ଗୋଟିଏ ବିଲେଇ !

ତାହେଲେ ଚାଟିକରି ଚାଟିକରି ଦେହ ମୁହଁକୁ ସଫାକର ! ବିଲେଇମାନେ ତ ଏମିତି ହିଁ କରନ୍ତି ।

ଟିଂଟୀ ଦେହ ଚାଟିବାକୁ ଲାଗିଲା, ତାକୁ ମାଟିଆ ଏବଂ ଲୁଣିଆ ଲାଗିଲା ।

ହେ....ମୁଁ କରି ପାରିବିନି ।

ତାହାଲେ ତୁ ତିନି ପାଆ ବିଲେଇ ।

ଉଁ..ହୁଁ ! କହି ଟିଂଟୀ ଦୂରକୁ ଘୁଞ୍ଚିଗଲା ।







ଟିଂଟୀ ଯା, ସାନଝିଅକୁ ଜେଜେ ମାଆଙ୍କ
ଘରେ ଛାଡ଼ିକରି ଆସ ।

ନା !

କାହିଁକି ?

ମୁଁ ତ ଗୋଟିଏ ବିଲେଇ !

ତାହେଲେ ତାକୁ ତୁ କାମୁଡ଼ିକରି ଉଠା !
ବିଲେଇମାନେ ତ ଏମିତି ହିଁ କରିଥାନ୍ତି ।

ଟିଂଟୀ ଚେଷ୍ଟାକଲା, କିନ୍ତୁ
ନିକମ ତା' କାମୁଡ଼ାରେ ରଡ଼ି ଛାଡ଼ିଲା ।
ଏବଂ ଟିଂଟୀ ତାକୁ ଛାଡ଼ିଦେବାକୁ ଚେଷ୍ଟାକଲା ।

ଓହୋ...କରି ପାରିବିନି ।
ତାହେଲେ ତୁ କେବଳ ଅଧା ବିଲେଇ ।

ଉଁ....ହୁଁ! କହି ଟିଂଟୀ ସେଠାରୁ ପଳାଇଲା ।







ଟିଂଟୀ ଚାଲ, ଅଳିଆ ସଫା କରିବାକୁ ଯିବା । ଡେରି ହେଉଛି ।

ମୁଁ ଯାଇ ପାରିବି ନାହିଁ ।

କାହିଁକି ?

ମୁଁ ତ ଗୋଟିଏ ବିଲେଇ !

ତାହାଲେ ଯା ମୂଷା ମାର, ବେଙ୍ଗ ମାର ।
ବିଲେଇମାନେ ତ ଏହା ହିଁ କରନ୍ତି ।

ଟିଂଟୀ ଦୌଡ଼ା ଦୌଡ଼ି ଗଲା କିନ୍ତୁ କିଛି ବି ଧରି ପାରିଲା ନାହିଁ ।
ମୂଷାମାନେ ଭାରି ଚାଲାକ୍ ଅଛନ୍ତି !

ଓହୋ ...କିଛି ଧରି ପାରିବି ନାହିଁ ।

ତା ହେଲେ ତୁ କେବଳ ଏକ ପାଆ ବିଲେଇ ।

ଉଁ...ହୁଁ ! କହି ଟିଂଟୀ ଦୂରକୁ ପଳାଇଲା ।





ସମସ୍ତେ କାମକୁ ଚାଲିଗଲେ।
ଟିଂଟୀ ଦିନସାରା ବସ୍ତିରେ
ଘୁରି ବୁଲୁଥିଲା ।

ସେ ଜେଜେ ମାଆଙ୍କ ଘରକୁ ଗଲା
ଏବଂ ଗୋଟିଏ ରୁଟି ଆଣିବାକୁ ଚେଷ୍ଟା କଲା।
ଉଠ୍! ଯା ପଳା ଏଠୁ!
ନିଜ ଖାଦ୍ୟ ନିଜେ ଖୋଜ, ଚୋର ବିଲେଇ।

ଉଁ...ହୁଁ! କହି ଟିଂଟୀ ଭୋକରେ ବାହାରକୁ
ପଳାଇଲା।





ପୁଣି ଯେତେବେଳେ ପିଲାମାନେ ଫେରିଲେ...


ଟିଂଟୀ, ଚାଲ ଖେଳିବା !

ନାହିଁ...

କିନ୍ତୁ ପୁଣି ସେ ଭାବିଲା...
ବିଲେଇମାନେ ତ ଖେଳି ପାରିବେ ।

ରୁହ,
ମୁଁ ଆ....ସୁ....ଛି.....
ଏବଂ ଟିଂଟୀ ଖେଳିବାକୁ ଦୌଡ଼ିଲା ।





ସନ୍ଧ୍ୟା ହେଲା ମାଆ ଯେବେ ଘରକୁ ଫେରିଲେ
ଟିଂଟୀ ତ ପେରିବା ବାଟକୁ ଚାହିଁ ବସିଥିଲା ।

ମାଆ ଯେତେବେଳେ ରୁଟି କରିବାକୁ ବସିଲେ
ଟିଂଟୀ କହିଲା, ମୋତେ ରୁଟି ଦିଅନା ।

ନାହିଁ !

କାହିଁକି ?

କାହିଁକି ନା ତୁ ତ ବିଲେଇ !

ମଲାମୂଷା ଖାଆ !
ବିଲେଇମାନେ ତ ଏହାହିଁ କରନ୍ତି ।

ଏ...ହେଃ...ମୁଁ କରିପାରିବିନି, ଟିଂଟୀ ମୁହଁ ମୋଡ଼ିଲା ।

ତାହେଲେ ତୁ ପୁଣି... ?







ଶୁନ ବିଲେଇ ! ଟିଂଟୀ ଗେହ୍ଲେଇ ହେଲା ।
ମୁଁ ତ ବିଲେଇ ହିଁ ନୁହେଁ !
ମୁଁ ତ ତୁମ କୁନି ଝିଅ...ଟିଂଟୀ !

ସେ ଦଉଡ଼ି ଯାଇ ମାଆଙ୍କୁ କୁଣ୍ଢେଇ ଧରିଲା ।
ଗୋଟିଏ ରୁଟି ଆଣି ଗପାଗପ ଚାରି ଥରରେ ଗିଳି ଦେଲା,

ଠିକ୍ ବିଲେଇଟିଏ ପରି !





## ମୁଁ ଗୋଟିଏ ବିଲେଇ!

ଟିଂଟୀ ଆଖି ଖୋଲିଲା ପ୍ଲାଷ୍ଟିକ୍ ଜରି ଭିତରୁ ଆକାଶକୁ ଚାହିଁଲା ।

ସେ ମାଆଙ୍କ ପାଖକୁ ଘୁଞ୍ଚି ଯାଇ କହିଲା, ମୁଁ ତ ଗୋଟିଏ ବିଲେଇ !

ନା, ତୁ ବିଲେଇ ନୁହଁ! ତୁ ପରା ମୋର କୁନୀ ଝିଅ, ମାଆ କୁତୁରୁକାଳିଆ କରି କହିଲେ ।

ଟିଂଟୀ ଛଟପଟ ହୋଇ ଦୂରକୁ ଘୁଞ୍ଚି ଘୁଞ୍ଚି ଗଲା । ଘୁଞ୍ଚି ଘୁଞ୍ଚି କହିଲା,

ନାଇଁ, ମୁଁ ତ ଗୋଟିଏ ବିଲେଇ ।

ଟିଂଟୀ ଆଖି ଖୋଲିଲା ପ୍ଲାଷ୍ଟିକ୍ ଜରି ଭିତରୁ ଆକାଶକୁ ଚାହିଁଲା ।

ସେ ମାଆଙ୍କ ପାଖକୁ ଘୁଞ୍ଚି ଯାଇ କହିଲା, ମୁଁ ତ ଗୋଟିଏ ବିଲେଇ !

ନା, ତୁ ବିଲେଇ ନୁହଁ! ତୁ ପରା ମୋର କୁନୀ ଝିଅ, ମାଆ କୁତୁରୁକାଳିଆ କରି କହିଲେ ।

ଟିଂଟୀ ଛଟପଟ ହୋଇ ଦୂରକୁ ଘୁଞ୍ଚି ଘୁଞ୍ଚି ଗଲା । ଘୁଞ୍ଚି ଘୁଞ୍ଚି କହିଲା,

ନାଇଁ, ମୁଁ ତ ଗୋଟିଏ ବିଲେଇ ।

ଟିଂଟୀ ଯା, ସାନଝିଅକୁ ଜେଜେ ମାଆଙ୍କ ଘରେ ଛାଡ଼ିକରି ଆସ।

ନା !

କାହିଁକି ?

ମୁଁ ତ ଗୋଟିଏ ବିଲେଇ !

ତାହେଲେ ତାକୁ ତୁ କାମୁଡ଼ିକରି ଉଠା ! ବିଲେଇମାନେ ତ ଏମିତି ହିଁ କରିଥାନ୍ତି ।

ଟିଂଟୀ ଚେଷ୍ଟାକଲା, କିନ୍ତୁ ନିକମ ତା' କାମୁଡ଼ାରେ ରଡ଼ି ଛାଡ଼ିଲା। ଏବଂ ଟିଂଟୀ ତାକୁ ଛାଡ଼ିଦେବାକୁ ଚେଷ୍ଟାକଲା।

ଓହୋ...କରି ପାରିବିନି। ତାହେଲେ ତୁ କେବଳ ଅଧା ବିଲେଇ।

ଊଁ....ହୁଁ! କହି ଟିଂଟୀ ସେଠାରୁ ପଳାଇଲା ।

ଟିଂଟୀ ଚାଲ, ଅଳିଆ ସଫା କରିବାକୁ ଯିବା। ଡେରି ହେଉଛି।

ମୁଁ ଯାଇ ପାରିବି ନାହିଁ।

କାହିଁକି ?

ମୁଁ ତ ଗୋଟିଏ ବିଲେଇ !

ତାହାଲେ ଯା ମୂଷା ମାର, ବେଙ୍ଗ ମାର। ବିଲେଇମାନେ ତ ଏହା ହିଁ କରନ୍ତି।

ଟିଂଟୀ ଦୌଡ଼ା ଦୌଡ଼ି ଗଲା କିନ୍ତୁ କିଛି ବି ଧରି ପାରିଲା ନାହିଁ। ମୂଷାମାନେ ଭାରି ଚାଲାକ୍ ଅଛନ୍ତି !

ଓହୋ ...କିଛି ଧରି ପାରିବି ନାହିଁ।

ତା ହେଲେ ତୁ କେବଳ ଏକ ପାଆ ବିଲେଇ।

ଊଁ...ହୁଁ! କହି ଟିଂଟୀ ଦୂରକୁ ପଳାଇଲା।

ସମସ୍ତେ କାମକୁ ଚାଲିଗଲେ। ଟିଂଟୀ ଦିନସାରା ବସ୍ତିରେ ଘୁରି ବୁଲୁଥିଲା ।

ସେ ଜେଜେ ମାଆଙ୍କ ଘରକୁ ଗଲା ଏବଂ ଗୋଟିଏ ରୁଟି ଆଣିବାକୁ ଚେଷ୍ଟା କଲା। ଉଠ୍! ଯା ପଳା ଏଠୁ! ନିଜ ଖାଦ୍ୟ ନିଜେ ଖୋଜ, ଚୋର ବିଲେଇ।

ଊଁ...ହୁଁ! କହି ଟିଂଟୀ ଭୋକରେ ବାହାରକୁ ପଳାଇଲା।

ପୁଣି ଯେତେବେଳେ ପିଲାମାନେ ଫେରିଲେ...

ଟିଂଟୀ, ଚାଲ ଖେଳିବା !

ନାହିଁ...

କିନ୍ତୁ ପୁଣି ସେ ଭାବିଲା... ବିଲେଇମାନେ ତ ଖେଳି ପାରିବେ।

ରୁହ, ମୁଁ ଆ....ସୁ....ଛି..... ଏବଂ ଟିଂଟୀ ଖେଳିବାକୁ ଦୌଡ଼ିଲା।

ସନ୍ଧ୍ୟା ହେଲା ମାଆ ଯେବେ ଘରକୁ ଫେରିଲେ ଟିଂଟୀ ତ ପେରିବା ବାଟକୁ ଚାହିଁ ବସିଥିଲା।

ମାଆ ଯେତେବେଳେ ରୁଟି କରିବାକୁ ବସିଲେ ଟିଂଟୀ କହିଲା, ମୋତେ ରୁଟି ଦିଅନା ।

ନାହିଁ!

କାହିଁକି ?

କାହିଁକି ନା ତୁ ତ ବିଲେଇ!

ମଲାମୂଷା ଖାଆ! ବିଲେଇମାନେ ତ ଏହାହିଁ କରନ୍ତି।

ଏ...ହେଃ...ମୁଁ କରିପାରିବିନି, ଟିଂଟୀ ମୁହଁ ମୋଡ଼ିଲା ।

ତାହେଲେ ତୁ ପୁଣି... ?

ଶୂନ ବିଲେଇ! ଟିଂଟୀ ଗେହ୍ଲେଇ ହେଲା। ମୁଁ ତ ବିଲେଇ ହିଁ ନୁହେଁ! ମୁଁ ତ ତୁମ କୁନି ଝିଅ...ଟିଂଟୀ!

ସେ ଦଉଡ଼ି ଯାଇ ମାଆଙ୍କୁ କୁଣ୍ଢେଇ ଧରିଲା। ଗୋଟିଏ ରୁଟି ଆଣି ଗଫାଗଫ ଚାରି ଥରରେ ଗିଳି ଦେଲା,

ଠିକ୍ ବିଲେଇଟିଏ ପରି!





**Mun Gotie Bilei**

**ମୁଁ ଗୋଟିଏ ବିଲେଇ !**

Story: Rinchin
Illustrations: Jitendra Thakur
Oriya Translation: Ramesh Gumansingh

© Rinchin & Eklavya

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies

Any part of this book can be used for non-commercial educational purposes under a similar copyleft notification. Please mention this book as the source and inform Eklavya. for any other kind of permission contact the author through Eklavya.

This Oriya translation is supported by the Parag initiative of Tata Trusts.

Paper: 100 gsm Maplitho and 210 gsm fb borad (Cover)
ISBN: 978-81-936759-5-3
Price ₹ 105.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

Printed at: Aadarsh Private Limited, M.P. Nagar, Bhopal, Phone: +91 0755 255 5442

**ରିନଚିନ** ଭୋପାଳରେ ରୁହନ୍ତି ଏବଂ କାମ କରନ୍ତି । ତାଙ୍କୁ ଗପ-କାହାଣୀ ବହୁତ ପସନ୍ଦ ସେ ଆଖପାଖ ଦୁନିଆ ସମ୍ବନ୍ଧରେ ଲେଖନ୍ତି ।

**ଜିତେନ୍ଦ୍ର ଠାକୁର** ଭୋପାଳରେ ରୁହନ୍ତି ଏବଂ ଏକଲବ୍ୟରେ କାର୍ଯ୍ୟରତ। ପିଲାମାନଙ୍କ ପାଇଁ ଚିତ୍ର କରିବା ପାଇଁ ସେ ଭାରି ଭଲ ପାଆନ୍ତି। ସେ ପ୍ରକୃତିର ସୌନ୍ଦର୍ଯ୍ୟକୁ ନିଜ ରଙ୍ଗ ତୁଳୀରେ ଅନୁଭବ କରିବାର ପ୍ରୟାସ କରନ୍ତି।



ଟିଂଟୀ ଭାବୁଥିଲା କି ସେ
ଗୋଟିଏ ବିଲେଇ ।

କିନ୍ତୁ ତାର ମାଆ କହୁନ୍ତି କି
ସେ ତାଙ୍କର କୁନୀ ଝିଅ ।

ଟିଂଟି କିଏ ସେ ?

କାହାଣୀ ପଢ଼ ଏବଂ ନିଜେ
ଖୋଜିବାକୁ ଚେଷ୍ଟା କର...



ଏକଲବ୍ୟ ପ୍ରକାଶନ

parag
AN INITIATIVE OF
TATA TRUSTS

Price ₹ 105.00

9 788193 675953